# ଆନ୍ଦୀଝରନରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବାକୁ ଦାବି



**କୋକସରା, ୨।୪(ସମିସ):** ସାହଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ଆନ୍ଦୀଝରନ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ଶିଶୁ, ପ୍ରସୂତୀ ଓ ଗର୍ଭବତୀ ମହିଳା ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗାଁରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।ଗାଁରେ ପ୍ରାୟ ୨୫ଟି ପରିବାର ରହୁଥିବା ବେଳେ ଶହେରୁ ଊର୍ଦ୍ଧ୍ୱ ଲୋକେ ବସବାସ କରି ଆସୁଛନ୍ତି। ଅନେକ କୋମଳମତି ଶିଶୁ ମଧ୍ୟ ରହିଛନ୍ତି। ସେମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ଯିବାକୁ ହେଲେ ପ୍ରାୟ ୫ କିଲୋମିଟର ଦୂରରେ ଥିବା ବିରିମୁହାଣ ଗ୍ରାମକୁ ଯିବାକୁ ପଡ଼ିଥାଏ। ଜଙ୍ଗଲିଆ ଓ ନିଛାଟିଆ ରାସ୍ତା ଯୋଗୁଁ ଶିଶୁ, ପ୍ରସୂତୀ ଓ ଗର୍ଭବତୀ ମା'ମାନେ ଅଙ୍ଗନବାଡ଼ି କେନ୍ଦ୍ର ଯିବାକୁ ଅନେକ କଷ୍ଟକର ହୋଇଥାଏ। ଏଣେ ଗର୍ଭବତୀ, ଶିଶୁ ପୁଷ୍ଟିକର ଖାଦ୍ୟ ପାଇବା ସହ ଟୀକାକରଣ ପାଇଁ ଅନେକ ହଇରାଣ ହେବାକୁ ପଡ଼ିଥାଏ। ଏଥିପାଇଁ ଗାଁରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରିବା ପାଇଁ ଗାଁ ଲୋକେ ଅନେକ ଦିନରୁ ଦାବି କରି ଆସୁଛନ୍ତି। ତଥାପି ପ୍ରଶାସନ କିମ୍ବା ରାଜନେତାଙ୍କ ଦୃଷ୍ଟି ପଡୁନାହିଁ। କିମ୍ବା ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇ ପାରିନାହିଁ। ଯାହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ସହ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଜଳଭଣ୍ଡାର ପାଖରେ ଥାଇ ମିଳୁନି ପାଣି

# ଅଧାରେ ଅଟକିଛି ବସୁଧା

**ଥୁଆମୂଳରାମପୁର, ୨।୪(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାର ତଟବର୍ତ୍ତୀ ଅଞ୍ଚଳରେ ପାନୀୟଜଳ ସମସ୍ୟା ଏବେ ଉତ୍କଟ ହେବାରେ ଲାଗିଛି। ଜଳରେ ଘିରିଥିବା ସ୍ଥାନ ହେଉଥିଲେ ମଧ୍ୟ ଲୋକମାନେ ଶୁଧ ପାଣି ପାଇଁ ଦୁର୍ଭୋଗ ଭୋଗୁଥିବା ଦୃଶ୍ୟ ଚିନ୍ତାଜନକ। ପାଡେପଦର ପଞ୍ଚାୟତ ସାନଛତ୍ରଙ୍ଗ ଗାଁ ଏହାର ଏକ ସ୍ପଷ୍ଟ ଉଦାହରଣ। ଗାଁର ଉପରପଡ଼ା ଓ ତଳପଡ଼ାରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଏହି ଗାଁ ଇନ୍ଦ୍ରାବତୀ ଜଳଭଣ୍ଡାର କୂଳରେ ଅବସ୍ଥିତ ହୋଇଥିଲେ ମଧ୍ୟ, ଦୀର୍ଘ ଦିନ ଧରି ପାନୀୟଜଳ ଅଭାବରେ ଲୋକମାନେ ଭୋଗୁଛନ୍ତି। ଗ୍ରାମବାସୀ ଜଳଭଣ୍ଡାର ପାଖରେ କୂଅ ଖୋଳି ଦୂଷିତ ପାଣି ପିଇବାକୁ ବାଧ୍। ତଳପଡ଼ାରେ ଗଭୀର ନଳକୂପ ଖନନ କରାଯାଇଥିଲେ ମଧ୍ୟ ଭୂଗର୍ଭ ଜଳସ୍ତର ଅତ୍ୟନ୍ତ ତଳକୁ ଯାଇଥିବାରୁ ସେଗୁଡିକ ବିଫଳ ହୋଇଛି। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ନଳକୂପ ଖୋଳାଯାଉଥିଲେ ମଧ୍ୟ ଏହାର କୌଣସି ଦୀର୍ଘକାଳୀନ ସମାଧାନ ମିଳୁନାହିଁ। ଉପରପଡ଼ାର ପରିସ୍ଥିତି ମଧ୍ୟ ଏକେ ପରି ଦୁର୍ଦ୍ଦଶାପୂର୍ଣ୍ଣ। ସେଠାରେ ଥିବା ଏକମାତ୍ର ନଳକୂପରୁ ମାତ୍ର ୨-୪ ହାଣ୍ଡି ପାଣି ମିଳିବା ପରେ ସେହିଟି

## ସାନଛତ୍ରଙ୍ଗରେ ପାନୀୟ ଜଳ ସଂକଟ

ଶୁଷ୍କ ହୋଇଯାଏ। ପୁଣି ପାଣି ଆସିବାକୁ ଘଣ୍ଟାଧରି ଅପେକ୍ଷା କରିବାକୁ ପଡୁଛି। ଏହି ପଡ଼ାରେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଥିବାରୁ ଶିଶୁମାନେ ମଧ୍ୟ ପାଣି ଅଭାବରେ ପୀଡିତ। ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୁଇ ବର୍ଷ ପୂର୍ବରୁ 'ବସୁଧା' ଯୋଜନା ଅନ୍ତର୍ଗତ ଗାଁରେ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। କିନ୍ତୁ ଦୁଃଖଦ କଥା ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନ୍ୟପଟେ, ଗାଁର ଦୁଇପଡ଼ାରେ ପାଇପ୍ ବିଛାଯାଇଥିଲେ ମଧ୍ୟ ସେଗୁଡିକୁ ମାଟି ତଳେ ପୋତାଯାଇନଥିବାରୁ ଗ୍ରାମବାସୀ ପ୍ରାୟତଃ ଝୁଣ୍ଟି ପଡୁଛନ୍ତି। ବାଇକ୍ ଚାଳକମାନେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ମିଳିଛି। ଜଳଭଣ୍ଡାର ପାଖରେ ଥିଲେ ମଧ୍ୟ ଯଦି ବିଶୁଦ୍ଧ ପାଣି ମିଳୁନାହିଁ, ତେବେ ଏହା ପ୍ରଶାସନୀୟ ବ୍ୟବସ୍ଥାପନାର ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ହେଲେ ଚଳିତ ମାସ ଶେଷ ସୁଦ୍ଧା ପାନୀୟଜଳ ଯୋଗାଣ ପ୍ରକଳ୍ପ 'ବସୁଧା' କାର୍ଯ୍ୟକ୍ଷମ ହେବା ସହିତ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁ ସୂଚନା ଦେଇଛନ୍ତି। ଏଥିସହିତ ବିଭିନ୍ନ ଗ୍ରାମର ଅସମ୍ପୂର୍ଣ୍ଣ 'ବସୁଧା' ପ୍ରକଳ୍ପ ଗୁଡିକ ମଧ୍ୟ କାର୍ଯ୍ୟକ୍ଷମ ହେବ ବୋଲି ମତ ପ୍ରକାଶ କରିଛନ୍ତି ଯନ୍ତ୍ରୀ ଶ୍ରୀ ମୁର୍ମୁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତତ୍ପରତା ସହ ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି।



# ଟେରାକୋଟା ଶିଳ୍ପୀ ଦୁର୍ମନ ରଣା ସମ୍ମାନିତ



**ସିନାପାଲି, ୨।୪(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଚାଲିଥିବା ଜିଲ୍ଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବରେ ଟେରାକୋଟା କାରିଗର ଭାବରେ ସିନାପାଲି ସହରର ଦୁର୍ମନ ରଣା ସମ୍ମାନିତ ହୋଇଛନ୍ତି। ମାଟିରେ ଅନେକ ସାମଗ୍ରୀ ପ୍ରସ୍ତୁତି କରିବା ସହ ଅନ୍ୟକୁ ଶିଖାଇବା କାର୍ଯ୍ୟରେ ନିପୁଣତାର ପାରଦର୍ଶିତା ଲାଭକରି ଥିବାରୁ ସମ୍ମାନରେ ତାଙ୍କୁ ସମ୍ମାନିତ କାଯାଇଥିଲା। ମାଟିପାତ୍ର, ଖେଳଣା, ଘରକରଣା ସାମଗ୍ରୀ ସମେତ ହାଣ୍ଡି, ମାଠିଆ ଠାରୁ ଆରମ୍ଭ କରି ପୂଜା ପାଠ ଯାନିଯାତ୍ରାରେ ବ୍ୟବହାର ହେଉଥିବା କଳସ, ଦୀପ ଠାରୁ ଅନେକ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରୀ କରିବା ସହ ନିଜର କୌଳିକବୃତ୍ତିକୁ ଆପଣାଇ ନିଜର ପରାକାଷ୍ଠା ଦେଖାଇଛନ୍ତି।ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ ସମେତ ଅନେକ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ରହି ସମ୍ମାନିତ କରିଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ କେନ୍ଦ୍ର ପରିଦର୍ଶନ



**ଭବାନୀପାଟଣା, ୨।୪ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ନିଳାଞ୍ଚଳ ପଟେଲଙ୍କ ସମେତ ମେଜର ଡ.ଜୟଦେବ ସାହୁ, ଡ.ଜୟନ୍ତ ଦଣ୍ଡସେନା ପ୍ରମୁଖ ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଷଷ୍ଠ ପର୍ଯ୍ୟାୟ +୩ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଡ. ପଟେଲଙ୍କ ପରିଦର୍ଶନ ସ୍ଥାନୀୟ ମହାବିଦ୍ୟାଳୟର କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲା। ଡ. ପଟେଲ ମହାବିଦ୍ୟାଳୟର ଅନ୍ୟାନ୍ୟ ବିଷୟ ଗୁଡିକ ବିଷୟରେ ଅଧକ୍ଷ ପରମେଶ୍ୱର ମୁଣ୍ଡଙ୍କ ସହିତ ଆଲୋଚନା କରିବା ସହ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଡ. ପଟେଲଙ୍କ କାର୍ଯ୍ୟକ୍ରମ ପାରମ୍ପରିକ ପୋଷାକ ଦିବସ ଦିନ ହୋଇଥିବା ବେଳେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର ଦାଶ ତଥା ଅନ୍ୟ କର୍ମଚାରୀମାନଙ୍କ ସହିତ ପାରମ୍ପରିକ ପୋଷାକ ଓ ଖାଦ୍ୟର ଉପାଦେୟତା ଉପରେ ଆଲୋଚନା କରିବା ସହ ପରାମର୍ଶ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକଙ୍କ ପରିଦର୍ଶନକୁ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମହଲରେ ପ୍ରଶଂସା କରାଯାଇଛି।

## ଏଲପିଜି ଗ୍ୟାସ ଯୋଗାଣ ପାଇଁ ସମନ୍ୱୟ ବୈଠକ

# କଳାବଜାର ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ

**ନୂଆପଡ଼ା, ୨।୪(ସମିସ):** ନୂଆପଡ଼ା ଜିଲ୍ଲାରେ ଏଲପିଜି ଗ୍ୟାସ୍ ଓ ପେଟ୍ରୋଲିୟମ ପଦାର୍ଥର ସୁଚାରୁ ଯୋଗାଣ ଓ ବଣ୍ଟନ ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସଭା କକ୍ଷରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକ ଆରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ପ୍ରଶାସନ ପକ୍ଷରୁ ଏଲ୍‌ପିଜି ସିଲିଣ୍ଡର ଯୋଗାଣକୁ ସୁଚାରୁ କରିବା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବିସ୍ତୃତ ଅବଗତ କରାଇଥିଲେ।ଜିଲ୍ଲାପାଳ ଏଲପିଜି ଗ୍ୟାସ୍‌ର କଳା ବଜାରି ଓ ଅନ୍ୟାନ୍ୟ ଅନିୟମିତତାକୁ ରୋକିବାକୁ ଜୋର ଦେଇଥିଲେ। ସେହିପରି ଲୋକମାନଙ୍କ ମଧ୍ୟରେ କୌଣସି ପ୍ରକାର ଏଲପିଜି ଗ୍ୟାସ୍‌ର ଅଭାବ ଭୟ ସୃଷ୍ଟି ନ ହେବା ପାଇଁ ସଚେତନତା ଜାରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଘରୋଇ ସିଲିଣ୍ଡରର ଅବୈଧ ବ୍ୟବହାର ବିରୋଧରେ ହୋଟେଲ ଓ ଢାବାମାନଙ୍କ ଉପରେ ଚଢ଼ାଉ କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରିବାକୁ କହିଥିଲେ।ହୋଟେଲ ମାଲିକମାନଙ୍କୁ ଘରୋଇ ସିଲିଣ୍ଡର ବଦଳରେ ବାଣିଜ୍ୟିକ ସିଲିଣ୍ଡର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଏଲପିଜି ଗ୍ୟାସର



କୃତ୍ରିମ ଅଭାବ ସୃଷ୍ଟି ନ କରିବାକୁ ସଚେତନ କରିଥିଲେ ଏବଂ ବଣ୍ଟନ କେନ୍ଦ୍ରରେ ଭିଡ଼ ପରିଚାଳନା ସହ ଆଇନ, ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ। ବୈଠକରେ ସିଡିଏମଓ ଡ.ଧନେଶ୍ୱର ସେଠୀ, ଏସିଏସଓ ପୂର୍ଣ୍ଣାଶା ଭୋଇ, ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାଶ, ଡିଏସଡବ୍ଲ୍ୟୁଓ ଏସ.ଗୀତା, ଜିଲ୍ଲାମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଡିଇଓ ପ୍ରଶାନ୍ତ କୁମାର ମହାନ୍ତି ସମେତ ଅନ୍ୟାନ୍ୟ ଅଧିକାରୀ, ଜିଲ୍ଲାର ସମସ୍ତ ଏଲପିଜି ବିତରକ ଉପସ୍ଥିତ ଥିଲେ।

# ଝିଅ ଘରକୁ ବୁଲି ଆସିଥିବା ବାପାର ମୃତଦେହ ଉଦ୍ଧାର

**କେସିଙ୍ଗା, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଉକ୍‌ଲା ଫାଣ୍ଡି ଅଧିନସ୍ଥ ଗୋକେଲେଶ୍ୱର ପଞ୍ଚାୟତ ଠାରୁ ଯୁଯୁରାଙ୍ଗ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଗଛରୁ ଉଦ୍ଧାର କରିଛି।ସୂଚନା ମୁତାବକ ଭବାନୀପାଟଣା ସଦର ଥାନା ସିନାଙ୍ଗଭଟା ଗ୍ରାମର ନକୁଳ ଗଉଡ଼ (୫୨) କେସିଙ୍ଗା ବ୍ଲକ ଯୁଯୁରାଙ୍ଗ ଗ୍ରାମରେ ନିଜ ଝିଅକୁ ବିବାହ ଦେଇଥିଲେ। ସେ କିଛି ଦିନ ତଳେ ତାଙ୍କ ଝିଅ ଘରକୁ ଆସିଥିଲେ। ହେଲେ କଣ ହେଲା କେଜାଣି କାଲିରାତିରେ କୁଆଡେ ଚାଲି ଯାଇଥିଲେ। ତାଙ୍କୁ ଜ୍ୱାଇଁ ଓ ଝିଅ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଗୁରୁବାର ମଧ୍ୟାହ୍ନରେ ରାସ୍ତାରୁ ଦୁଇଶହ ମିଟର ଏକ ଗଛରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ଉକ୍‌ଲା ଫାଣ୍ଡି ଅଧିକାରୀ ଅନୁପ ଶତପତି ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାତରିତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଝରିଆଗୁଡାରେ ଆଞ୍ଚଳିକ କରଣ ସମାଜର ବୈଠକ

**କୋକସରା, ୨।୪ (ସମିସ):** କୋକସରା ବ୍ଲକର ଝରିଆଗୁଡାରେ ଆଞ୍ଚଳିକ କରଣ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଭାରେ ଆଞ୍ଚଳିକ କରଣ ସମାଜର ସଭାପତି ସହଦେବ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ।ବୈଠକରେ ସମାଜର ବିଭିନ୍ନ ବିଷୟ କୁ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ମଇ ୧୦ ତାରିଖରେ କୋକସରା ଠାରେ ମହାସଭା ହେବା ପାଇଁ ସ୍ଥିର କରାଯାଇଥିଲା। ଆଞ୍ଚଳିକ କରଣ ସମାଜର ସମ୍ପାଦକ ନାରାୟଣ ପଟ୍ଟନାୟକ, ଯତୀନ୍ଦ୍ର ପଟ୍ଟନାୟକ, ପଙ୍କଜ ପଟ୍ଟନାୟକ, ପିତାମ୍ବର ପଟ୍ଟନାୟକ, ଅଚ୍ୟୁତାନନ୍ଦ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ଭୂଷଣ ପଟ୍ଟନାୟକ, ମୁକୁନ୍ଦ ପଟ୍ଟନାୟକ, ଗିରିଧାରୀ ପଟ୍ଟନାୟକ, ଅଭିମନ୍ୟୁ ପଟ୍ଟନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ପୀତବାସ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ସଂକୀର୍ତ୍ତନ ପଟ୍ଟନାୟକ, ମହେନ୍ଦ୍ର ପଟ୍ଟନାୟକ, କାଳ୍ପବଟ ପଟ୍ଟନାୟକ, ଘନଶ୍ୟାମ ପଟ୍ଟନାୟକ, ସନ୍ତୋଷ ମହାନ୍ତି, ନିଧି ମହାନ୍ତି, ବଂଶୀଧର ମହାନ୍ତି, ସେନାପତି ପଟ୍ଟନାୟକ, ଲୋକନାଥ ପଟ୍ଟନାୟକ ସମେତ ଧର୍ମଗଡ଼, ଜୟପାଟଣା ଏବଂ କୋକସରା ବ୍ଲକର ବିଭିନ୍ନ ଗ୍ରାମରୁ କରଣ ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ।

# କଳାହାଣ୍ଡି ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ଭବାନୀପାଟଣା, ୨।୪ (ସମିସ):** କଳାହାଣ୍ଡି ଓକିଲ ସଂଘର କାର୍ଯ୍ୟାଳୟରେ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଓକିଲ ସଂଘର ପୂର୍ବତନ ସଭାପତି ସୁଧାଂଶୁ କୁମାର ନନ୍ଦଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ନବ ନିର୍ବାଚିତ ସଭାପତି ସନ୍ତୋଷ କୁମାର ପଣ୍ଡା, ଉପସଭାପତି ମହେଶ କୁମାର ମହାପାତ୍ର, ସମ୍ପାଦକ ନିହାର ରଞ୍ଜନ ମିଶ୍ର, ସହସମ୍ପାଦକ ହେମନ୍ତ ଛତ୍ରିଆ, କୋଷାଧକ୍ଷ ଜୟନ୍ତ କୁମାର ମୁଣ୍ଡ, କାର୍ଯ୍ୟନିର୍ବାହୀ ସଭ୍ୟ, ଶ୍ରୀମତୀ ଜ୍ୟୋତ୍ସ୍ନା ମଞ୍ଜରୀ ମିଶ୍ର, ବିନୟ କୁମାର ଦାଶ, ଗୌତମ କୁମାର ପଟ୍ଟନାୟକ, ଶ୍ରୀମତୀ ଇଲା ସେଲମା ଓ ଶକ୍ତି ସୌରୂପ ବେହେରା ତଥା ନିର୍ବାଚନୀ ଅଧିକାରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିବା ଓକିଲ ସଂଘର ବରିଷ୍ଠ ସଭ୍ୟ ପ୍ରତାପଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁଜିତ କୁମାର ବହିଦାର, ପ୍ରଦୀପ ଚନ୍ଦ୍ର ପାତ୍ର ସୂର୍ଯ୍ୟନାରାୟଣ କୁମାରଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଉପସଭାପତି ଗଣେଶ୍ୱର ପଟ୍ଟନାୟକ, ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ସହସମ୍ପାଦକ ସରନି ବେମାଲ, କାର୍ଯ୍ୟକାରୀ ସଭ୍ୟ ଲୋକନାଥ ନାଏକ, ପ୍ରଶାନ୍ତ କୁମାର ବାରିକ, ସୌମେନ୍ଦ୍ର ଚାନ୍ଦ, ନୀଳାଞ୍ଚଳ ସ୍ୱାଇଁ, ପ୍ରବୀଣ କୁମାର ଏବଂ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।ଏହି ଅବସରରେ କଳାହାଣ୍ଡି ଓକିଲ ସଂଘର ଲୋଗୋ ଉନ୍ମୋଚିତ ହୋଇଥିଲା।

# କଳାହାଣ୍ଡି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

**ଭବାନୀପାଟଣା, ୨।୪(ସମିସ):**କଳାହାଣ୍ଡି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସ୍ଥାନୀୟ ଟାଉନ ହଲରେ ପାଳିତ ହୋଇଯାଇଛି।ପୌରପାଳିକା ଭବାନୀପାଟଣା ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ଭାବେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ପୂଜ୍ୟ ପୂଜା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଶିକ୍ଷାବିତ୍ ଡଃ ଉମେଶଚନ୍ଦ୍ର ଶତପଥିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କବି ସାହିତ୍ୟିକ, ବରିଷ୍ଠ ନାଗରିକ, ଜନପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ପିଏ ଆଇଟିଡିଏ,




ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟ ଶଙ୍କର ନାୟକ, ମୁଖ୍ୟବକ୍ତା ଭାବେ ଡକ୍ଟର ଉମେଶଚନ୍ଦ୍ର ଶତପଥି ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶାର ବରପୁତ୍ର, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଏକ ଫଟୋ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ ଓ ଏନ୍‌ସିସି ଅଫିସର ରବି ପ୍ରସାଦ କାନୁନଗୋ ସହଯୋଗ କରିଥିଲେ।କାର୍ଯ୍ୟକ୍ରମରେ ଓଡ଼ିଶା ପକ୍ଷ ପାଳନ ଲୋଗୋ ଉନ୍ମୋଚିତ ହୋଇଥିଲା। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଏକ ପେଡ୍ ମାଁ କେ ନାମ୍' ଯୋଜନାରେ ଦୁର୍ନୀତି

# ଚାରାରୋପଣ ନ କରି ଟଙ୍କା ଆତ୍ମସାତ

**ସିନାପାଲି, ୨।୪(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକଗଣ୍ଡାବାହାଲି ପଞ୍ଚାୟତରେ 'ଏକ ପେଡ ମାଁ କେ ନାମ୍'ଯୋଜନାରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏହି ଯୋଜନାରେ ଚାରାରୋପଣ ନକରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଶହଶହ ଚାରା ଗଛକୁ ନଲଗାଇ ପଡ଼ିଆ ଓ ପଞ୍ଚାୟତ ଅଫିସ ପରିସରରେ ଫିଙ୍ଗିଦିଆ ଯାଇଛି। ଫଳରେ ଚାରା ସବୁ ମରିପଡ଼ି ନଷ୍ଟହୋଇ ଖାତ ଖାଉଛି। ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ 'ଏକ ପେଡ ମାଁ କେ ନାମ୍'ବର୍ତ୍ତମାନ ଗଣ୍ଡାବାହାଲିରେ ପ୍ରହସନ ପାଲଟିଥିବା ଚର୍ଚ୍ଚା ଜୋର ଧରିଛି। ପ୍ରାପ୍ତଖବର ଅନୁସାରେ ଗଣ୍ଡାବାହାଲି ପଞ୍ଚାୟତ ଗମ୍ଭାରୀଗୁଡ଼ା ହାଇସ୍କୁଲ ଖେଳପଡ଼ିଆ ଠାରେ ଏକ କମ୍ୟୁନିଟି ପ୍ଲାନଟେସନ ନିର୍ମାଣ ପାଇଁ 'ଏକ ପେଡ ମାଁ କେ ନାମ୍'ଅନ୍ତର୍ଗତ ମନରେଗା ଯୋଜନାରେ ୨ଲକ୍ଷ ୫୫ ହଜାର ୨୧୦ ଟଙ୍କା ଅଟକଳ ମଞ୍ଜୁର ହୋଇଥିଲା। ଗତ ସେପ୍ଟେମ୍ବର ୧୭ ତାରିଖ






ଦିନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଶ୍ରମିକ ଅଂଶଧନ ପାଇଁ ୨ ଲକ୍ଷ ୨୯ ହଜାର ୨୧୦ ଟଙ୍କା ଓ ସାମଗ୍ରିକ ଅଂଶଧନ ପାଇଁ ୧୯ ହଜାର ୯ ଶହ ୯ ୯ ଟଙ୍କା ଅନୁଦାନର ଅଟକଳ ରହିଥିଲା। ଉକ୍ତ କାର୍ଯ୍ୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରହିଥିଲା। ଏନେଇ ହାଇସ୍କୁଲ ପରିସରରେ ଏକ ସୂଚନା ଫଳକ ନିର୍ମାଣ କରି ନାମକୁ ମାତ୍ର କିଛି ଚାରାରୋପଣ କରାଯାଇଥିଲା। ହେଲେ କୌଣସି ପ୍ରକାର ଯତ୍ନ ନିଆଗଲା ନାହିଁ। ଫଳରେ ବୃକ୍ଷ ସବୁ ନଷ୍ଟ ହୋଇ ସାରିଲାଣି। ପୁଣି ଅନେକ ଚାରା କୁ ରୋପଣ ନକରି ପଡ଼ିଆରେ ଛାଡି ଦିଆଯାଇଥିଲା। ତାହା ମଧ୍ୟ ବର୍ତ୍ତମାନ ସବୁ ନଷ୍ଟ ହୋଇସାରିଛି। ପୁଣି ଅନେକ ଚାରା ଗଛ ପଞ୍ଚାୟତ କାର୍ଯ୍ୟାଳୟରେ ଖତ୍ ଖାଉଥିବା ଦେଖିବାକୁ ମିଳିଛି।ଏ ସ୍ଥିତିରେ କିପରି ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲା ବୋଲି ମତପ୍ରକାଶ ପାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପଞ୍ଚାୟତ କର୍ତ୍ତୃପକ୍ଷ ମିଳିମିଶି ଏହାକୁ ଆତ୍ମସାତ

## ପଡ଼ିଆ ଓ ପଞ୍ଚାୟତ ଅଫିସରେ ଖତ ହେଉଛି ଚାରା

କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାସାଗର ସାହୁଙ୍କୁ ପଚାରିବାରୁ କଥାକୁ ହାଲୁକା ନେଇ ଏଡାଇ ଦେଇଥିଲେ।।ଏନେଇ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରି ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଓଡ଼ିଆ ନାମଫଳକ ଅଭିଯାନ ପାଇଁ ପ୍ରସ୍ତୁତି

**ନୂଆପଡ଼ା, ୨।୪(ସମିସ):** ଓଡ଼ିଆ ପକ୍ଷ୨୦୨୬ ପାଳନ ଉପଲକ୍ଷେ ଆସନ୍ତା ୪ତାରିଖରେ ଆୟୋଜିତ ହେବାକୁ ଥିବା 'ଓଡ଼ିଆ ନାମଫଳକ ଅଭିଯାନ'ସଚେତନତା ପଦଯାତ୍ରା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ଲାଗି ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପଦଯାତ୍ରାକୁ



ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ପ୍ରଥମେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜୋର ଦେଇଥିଲେ। ଏଥି ସହ ନିୟମ ଅମାନ୍ୟ କରୁଥିବା ପ୍ରତିଷ୍ଠାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସଚେତନତା ପରେ ମଧ୍ୟ ଯଦି କୌଣସି ପ୍ରତିଷ୍ଠାନ ଓଡ଼ିଆ ନାମଫଳକ ପ୍ରଦର୍ଶନ କରିନଥାଏ, ତେବେ ପ୍ରଥମ ଥର ପାଇଁ ୫ହଜାର ଟଙ୍କା ଓ ପୁନରାବୃତ୍ତି ଘଟିଲେ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ପଦଯାତ୍ରା ସମୟରେ ପ୍ଲାକାର୍ଡ, ବ୍ୟାନର ଆଦି ମାଧ୍ୟମରେ ଓଡ଼ିଆ ନାମଫଳକ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିବା ସହ ସମସ୍ତ ସମ୍ପର୍କିତ ବିଭାଗ, ବ୍ୟବସାୟୀ ସଂଘ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଲୋକଙ୍କୁ ସାମିଲ କରାଯିବ। ବୈଠକରେ ପ୍ରଭାଗୀୟ ଶ୍ରମଆୟୁକ୍ତ ରବୀନ୍ଦ୍ର ବାର୍ଲା, ଜିଲ୍ଲାଶ୍ରମ ଅଧିକାରୀ ଜସ୍ମିନ ସାହୁ, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖାରିଆର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ସହାୟକ ଶ୍ରମ ଅଧିକାରୀ ମୁରଲୀଧର ପାକଳ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

